# ପ୍ରାର୍ଥୀ ଘୋଷଣା ନେଇ ବିଜେଡିରେ ହୋଇପାରୁନି ନିଷ୍ପତ୍ତି

## ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଥିବା ଢେଙ୍କାନାଳ ଓ ଅନୁଗୋଳ ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀରୁ ଢେଙ୍କାନାଳ ଜିଲାରେ ରହିଛି ୪ଟି ବିଧାନସଭା ଆସନ। ଇତିମଧ୍ୟରେ ବିଜେଡି ପକ୍ଷରୁ ଢେଙ୍କାନାଳ ଜିଲାର ୩ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇସାରିଛି। ଢେଙ୍କାନାଳ ପାଇଁ ବିଧାୟକ ସୁଧୀର କୁମାର ସାମଲ, କାମାକ୍ଷାନଗରରୁ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ପରଜଙ୍ଗ ନିର୍ବାଚନମଣ୍ଡଳୀ ପାଇଁ ଦଳ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ନାମ ଘୋଷଣା କରିଛି। ହେଲେ ସଂରକ୍ଷିତ ହିନ୍ଦୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଦଳ ପ୍ରାର୍ଥୀଙ୍କ ନାମ ଏଯାଏ ପ୍ରକାଶ କରିପାରି ନାହିଁ। ଏଠାରେ ବିଜେଡି କାହାକୁ ପ୍ରାର୍ଥୀ କରିବ


ଅଶୋକ ନାଏକ।


ନମିତା ନାଏକ।


ସୀମାରାଣୀ ନାଏକ।

ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁ ନ ଥିବାରୁ ଏ କ୍ଷେତ୍ରରେ ବିଳମ୍ବ ହେଉଥିବା କୁହାଯାଉଛି।

ହିନ୍ଦୋଳ ନିର୍ବାଚନମଣ୍ଡଳୀରୁ ବିଧାୟିକା ସୀମାରାଣୀ ନାଏକ ୨ଥର ବିଜୟୀ ହୋଇଛନ୍ତି। ସେ ୨୦୧୪ରୁ ଲଗାତର ଜିତି ଆସୁଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହେବାକୁ ଆଶାବାଦୀ ରହିଛନ୍ତି। ସେହିପରି କଂଗ୍ରେସର ପୂର୍ବତନ ବିଧାୟକ ମହେଶ୍ୱର ନାଏକଙ୍କ ଝିଅ ନମିତା ନାଏକଙ୍କୁ ନେଇ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ଚର୍ଚ୍ଚା ହେଉଛି। ନମିତା ବିଜେଡି ରାଜ୍ୟ ମହିଳା ସଙ୍ଗଠନ କର୍ମକର୍ତ୍ତା ଥିବାରୁ ତାଙ୍କ ନାମକୁ ନେଇ ଆଲୋଚନା ବଢ଼ିବାରେ ଲାଗିଛି। ଫଳରେ ଦଳୀୟ ସମର୍ଥକମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ସେହିପରି ପୂର୍ବତନ ବିଧାୟକ ତ୍ରିନାଥ ନାଏକଙ୍କ ପୁଅ ଅଶୋକ ନାଏକଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଛି। ତ୍ରିନାଥ ୧୯୭୭, ୧୯୮୦ ଏବଂ ୧୯୯୦ରେ ଏହି ଆସନରୁ ବିଧାୟକ ନିର୍ବାଚିତ ହେବା ସହ ମନ୍ତ୍ରୀ ହୋଇଥିଲେ। ତେଣୁ ତାଙ୍କ ପୁଅ ଅଶୋକଙ୍କୁ ନେଇ ସମର୍ଥକମାନେ ଆଶାବାଦୀ ରହିଛନ୍ତି। ତେବେ ବିଜେଡି ଏଠାରୁ କୁହାକୁ ପ୍ରାର୍ଥୀ କରିବ ସେ ନେଇ ବିଚାର ବିମର୍ଶ ଚଳାଉଥିବା ବେଳେ ଦଳୀୟ ସମର୍ଥକଙ୍କ ମଧ୍ୟରେ ଏ ନେଇ ଉତ୍କଣ୍ଠା ବଢିବାରେ ଲାଗିଛି ।

# ଆକ୍ରମଣ ଘଟଣାରେ ୪ ଗିରଫ

କଣିହାଁ,୨୮।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ୍ ଏନ୍‌ଟିପିସି ଥାନା ପୋଲିସ ଆକ୍ରମଣ ଘଟଣାରେ ଗୁରୁବାର ରଙ୍ଗବେଡା ଗ୍ରାମର ୨ ପରିବାରର ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୋଗ ମୁତାବକ, ରଙ୍ଗବେଡା ଗ୍ରାମର ପ୍ରଫୁଲ୍ଲ ଦେହୁରୀ(୫୯) ଓ ମାଗୁଣି ଦେହୁରୀ(୫୦)ଙ୍କ ପରିବାର ମଧ୍ୟରେ ଗତ ମଙ୍ଗଳବାର ବଚସା ପରେ ଗଣ୍ଡଗୋଳ ହୋଇଥିଲା। ସେହି ସମୟରେ ମାଗୁଣି ଦେହୁରୀଙ୍କୁ ପ୍ରଫୁଲ୍ଲ ଦେହୁରୀ ତାଙ୍କର ଦୁଇ ପୁଅ ବାବୁଲି ଦେହୁରୀ(୩୮) ଓ ରାହୁଲ ଦେହୁରୀ (୪୧) ମିଶି ପଥରେ ଆକ୍ରମଣ କରିଥିଲେ। ସେହିପରି ମାଗୁଣି ଏକ ପଥରରେ ବାବୁଲିଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ପ୍ରଫୁଲ୍ଲ ଓ ମାଗୁଣି ଥାନାରେ ଅଭିଯୋଗ କରିଥିଲେ। ଉଭୟ ପକ୍ଷର ୪ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

# ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବି


ବିଜେଡି ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## ଏମ୍‌ପି ପ୍ରାର୍ଥୀ ଘୋଷଣା ପରେ ଅବିନାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ଲୋକ ସଭା ନିର୍ବାଚନମଣ୍ଡଳୀର ବିଜେଡି ଏମ୍‌ପି ପ୍ରାର୍ଥୀ ଭାବେ ଡା. ଅବିନାଶ ସାମଲଙ୍କ ନାମ ଘୋଷଣା ହୋଇଛି। ବିଜେଡି ପକ୍ଷରୁ ଏ ନେଇ ଘୋଷଣା ପରେ ଏମ୍‌ପି ପ୍ରାର୍ଥୀ ଡା. ସାମଲ ବୁଧବାର ରାତିରେ ଖବରଦାତାମାନଙ୍କୁ ନିଜ ପ୍ରତିକ୍ରିୟା ଦେଇଛନ୍ତି। ସାମଲ କହିଛନ୍ତି, ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଜନ୍ମ ହେବା ସହ ଏଠାରେ ବଡ଼ ହୋଇଛି। ଦଳ ପକ୍ଷରୁ ଏହି ସଂସଦୀୟ କ୍ଷେତ୍ରରେ ତାଙ୍କୁ ପ୍ରାର୍ଥୀ ଭାବେ ସୁଯୋଗ ଦିଆଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛନ୍ତି। ଏଥିସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ମଧ୍ୟ ଧନ୍ୟବାଦ ପ୍ରଦାନ କରୁଛନ୍ତି। ଢେଙ୍କାନାଳ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ଢେଙ୍କାନାଳ ଓ ଅନୁଗୋଳ ରାଜସ୍ୱ ଜିଲାରେ ଶିଳ୍ପ ବିପ୍ଳବ ଆସିଛି। ଆଗକୁ ମଧ୍ୟ ବହୁ ଶିଳ୍ପ ଆସିବାର ଅଛି। ଏହି ସଂସଦୀୟ କ୍ଷେତ୍ରର ଲୋକମାନଙ୍କ ସେବାରେ ସେ ନିଜକୁ ନିୟୋଜିତ କରିବେ। ଢେଙ୍କାନାଳ ବିଧାୟକ ତଥା ଦାଦା ସୁଧୀର କୁମାର ସାମଲ ତାଙ୍କ ରାଜନୈତିକ ଗୁରୁ। ଦାଦାଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କ ସାଙ୍ଗରେ ରହିଛି। ବିଜେଡି ୫ବର୍ଷ ପୂର୍ବରୁ ରାଜ୍ୟ ଓ ଜନସାଧାରଣଙ୍କ ବିକାଶ ପାଇଁ ଲକ୍ଷ୍ୟ ନେଇ ଯୋଜନା ପ୍ରସ୍ତୁତ କରିଥାଏ। ଏହା ତାଙ୍କୁ ବେଶ ପସନ୍ଦ ଆସିଛି। ସଂସଦୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସେ ସାମିଲ ହେବେ। ଏଥିପାଇଁ ସମସ୍ତଙ୍କ ଆଶୀର୍ବାଦ ଓ ସହଯୋଗ କାମନା କରୁଛି ବୋଲି ଅବିନାଶ କହିଛନ୍ତି। ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲଙ୍କ ପୁଅ ଅବିନାଶଙ୍କୁ ବିଜେଡି ଏମ୍‌ପି ପ୍ରାର୍ଥୀ ଘୋଷଣା କରିବା ପରେ ସନ୍ଧ୍ୟାରେ ଅବିନାଶ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ସୀମାବର୍ତ୍ତୀ ଅଞ୍ଚଳ ଏବଂ ଅନୁଗୋଳ ଜିଲାର ବଣ୍ଟଁରପାଳ ବ୍ଲକ ନୂଆହତା ଅଞ୍ଚଳରେ ଥିବା ଜଗନ୍ନାଥ ମନ୍ଦିର ଦର୍ଶନ କରିଥିଲେ। ସେଠାକାର ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଢେଙ୍କାନାଳ-ଯୋରନ୍ଦା ରାସ୍ତାର ତେରମାଇଲ ଠାରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଏକ ବାଇକ୍‌ରେ ଦୁଇଜଣ ଯାଉଥିବା ବେଳେ ତେରମାଇଲ ଛକଠାରେ ଏକ ଗାଡ଼ି ସେମାନଙ୍କୁ ଧକ୍କାଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖାହେବା ବେଳକୁ ମୃତ ଓ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ।

# ଆଳତୁମା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କାମାକ୍ଷାନଗର,୨୮।୩(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଆଳତୁମା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ, ମୁଖ୍ୟ ବକ୍ତା ଭାବେ କାମାକ୍ଷାନଗର ନୋଡାଲ ଅଫିସର ସୁରେନ୍ଦ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସାରଙ୍ଗଧର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଦେହୁରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ



ସାହୁ, ଗ୍ରାମ ସଭାପତି ସନ୍ତୋଷ ମହାନ୍ତି, ଆଲୁମନି ସଭାପତି ବାଳକୃଷ୍ଣ ନାୟକ, ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୋଧ ମହାପାତ୍ର, ସିନେ ଅଭିନେତା ଶୁଭ୍ରାଂଶୁ ନାୟକ, ଏସ୍‌ଏମ୍‌ସି ଚେୟାରମ୍ୟାନ ସରୋଜ ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ, ବାର୍ଷିକ ଉତ୍ସବ ନୃତ୍ୟ ଗୀତ ଓ ପୁରସ୍କାର ନେବାର ଦାନ ନୁହେଁ, ଏହି ଦିନରେ ବର୍ଷ ତମାମ ବିଭିନ୍ନ କାର୍ଯ୍ୟକ୍ରମର ସଫଳତା ବିଫଳତା ସମୀକ୍ଷାର ଦିନ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ, ରମେଶ ଚନ୍ଦ୍ର ପରିଡା, ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତାରାଣୀ ନାୟକ, ଉକ୍ତ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ପୁରସ୍କୃତ ସହାକାରୀ ଶିକ୍ଷକ ସନାତନ ପଟ୍ଟନାୟକଙ୍କୁ ମାନପତ୍ର ସହ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଉତ୍ସବରେ ୧୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁନନ୍ଦା ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଆଲୁମିନି ବ୍ରୋଚର ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଅର୍ଗ ବନ୍ଦାପନା ଉତ୍ସବ

ଢେଙ୍କାନାଳ,୨୮।୩(ରତନ ନାୟାର)

ଦୋଳ ପୂର୍ଣ୍ଣିମା ଉପଲକ୍ଷେ ଢେଙ୍କାନାଳ ସହର ଅମଳାପଡ଼ା ଅଞ୍ଚଳରେ ଅର୍ଗ ବନ୍ଦାପନା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ଆରାଧ୍ୟ ଦେବତା ଶ୍ରୀରାଧାକୃଷ୍ଣ ମନ୍ଦିରରେ ପୂର୍ବାହ୍ନରେ ଶ୍ରୀଜୀଉଙ୍କୁ ଯଥାବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା। ସମସ୍ତ ଗୋପାଳ ଭାଇଙ୍କ ଘରେ ଅର୍ଗ ବନ୍ଦାପନା କରାଯାଇଥିଲା। ଉତ୍ସବରେ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ଭୂତିଆ, କୋଷାଧ୍ୟକ୍ଷ ମାୟାଧର ବେହେରା, ବିଦ୍ୟାଧର ରାଉତ, ମାଧବ ବେହେରା, ଘନ ବେହେରା, ରମେଶ ବେହେରା ଓ ଜିତୁ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଅର୍ଗ ବନ୍ଦାପନା ଉତ୍ସବ।

# ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ




କାମାକ୍ଷାନଗର,୨୮।୩(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ୍ ଗ୍ରାମରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଗତ ୩ ଫେବୃଆରୀ ୨୦୨୩ରେ ଡକାୟତି ହୋଇଥିଲା। ଦୁର୍ବୃତ୍ତମାନେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା, ସୁନାଗହଣା ଲୁଟ୍ କରିଥିଲେ। ଫଳରେ ଏହି ବ୍ୟାଙ୍କରେ ସୁନାଗହଣା ବନ୍ଧା ପକାଇ ଋଣ ନେଇଥିବା ଗ୍ରାମାଞ୍ଚଳର ଲୋକମାନେ ହତାଶ ହୋଇପଡ଼ିଥିଲେ। ସେମାନଙ୍କୁ ଏଯାଏ ବ୍ୟାଙ୍କ ପକ୍ଷରୁ ବନ୍ଧକ ସୁନା ଫେରସ୍ତ ଦିଆଯାଇ ନ ଥିବାରୁ ଏ ନେଇ ସେମାନେ ଦାବିପତ୍ର ଦେଇଥିବା ବେଳେ ଗୁରୁବାର ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ।

ହିତାଧିକାରୀମାନେ ଅଭିଯୋଗ କରିଛନ୍ତି, ନେଇଥିବା ଟଙ୍କା ପୈଠ କରି ବ୍ୟାଙ୍କରେ ଦେଇଥିବା ସୁନା, ଗହଣା ନେବା ପାଇଁ ପ୍ରତି ମାସରେ ବ୍ୟାଙ୍କକୁ ଆସୁଥିଲେ ହେଁ ବ୍ୟାଙ୍କ ପକ୍ଷରୁ ସୁନା ମିଳିବ କହି ଫେରାଇ ଦିଆଯାଉଛି। ବ୍ୟାଙ୍କ ଲୁଟ୍‌ରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ମଧ୍ୟରୁ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତିସଭ୍ୟା ପଦ୍ମିନୀ ବେହେରା, ଅନିତା ସାହୁ, ରଞ୍ଜିତା ସେଠି, ସୁଜାତା ସାହୁ, ରିନାରାଣୀ ସାହୁ, ନଳିନୀ ସାହୁ, ବୀରବର ସାହୁ, ପିଙ୍କି ସେଠୀ, ସୁବାସ ସାହୁ, ସୁମନ୍ତି ନାଏକ, ତିଳୋତ୍ତମା ପ୍ରଧାନ, ସୁମ ସେଠୀ ମହାବିରୋଡ୍ ଗ୍ରାମ୍ୟ ଶାଖା ପରିଚାଳକଙ୍କୁ ଗତ ୨୧ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗର ୭ ଦିନ ମଧ୍ୟରେ ସମସ୍ତ ହିତାଧିକାରୀଙ୍କୁ ବ୍ୟାଙ୍କ ପକ୍ଷରୁ ସୁନା ଗହଣା ଦିଆ ନ ଗଲେ ବ୍ୟାଙ୍କ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବା ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ମହାବିରୋଡ଼ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ସ୍ୱର୍ଣ୍ଣବନ୍ଧକ ଦେଇ ସ୍ୱର୍ଣ୍ଣ ଋଣ ନେଇଥିବା ହିତାଧିକାରୀଙ୍କ ମଧ୍ୟରେ ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, ସମିତିସଭ୍ୟା ପଦ୍ମିନୀ ବେହେରାଙ୍କ ସହିତ ଅନ୍ୟ ହିତାଧିକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲେ। ଖବରପାଇ ମହାବିରୋଡ୍ ଥାନା ଏଏସ୍‌ଆଇ ଶେଷଦେବ ଲେଙ୍କା, ମହାବିରୋଡ଼ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଅନୁରାଗ ପଟ୍ଟନାୟକ ପହଞ୍ଚି ଧାରଣାରେ ବସିଥିବା ହିତାଧିକାରୀଙ୍କୁ ବୁଝାଶୁଝା କରିଲା ପରେ ଧାରଣା ହଟିଥିଲା। ଅନ୍ୟପଟେ ଯେଉଁମାନେ ବ୍ୟାଙ୍କରେ ସୁନା ଦେଇଛନ୍ତି ସେମାନଙ୍କ ସୁନା ଫେରା ନ ଗଲେ ଆନ୍ଦୋଳନ ଆଗକୁ ତୀବ୍ରତର ହେବ ବୋଲି କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ପକ୍ଷରୁ ଲିଖିତ ଭାବେ ଶାଖା ପରିଚାଳକଙ୍କୁ ଜଣାଯାଇଛି। ଯେଉଁମାନେ ସ୍ୱର୍ଣ୍ଣ ବନ୍ଧକ ଦେଇ ସ୍ୱର୍ଣ୍ଣ ଋଣ ନେଇଛନ୍ତି ସେମାନଙ୍କ ସ୍ୱର୍ଣ୍ଣ ଫେରାଇବା ପାଇଁ ଆସନ୍ତା ୧୦ ତାରିଖରେ ଏକ ବୈଠକ ହେବ। ସୁନାର ମୂଲ୍ୟ ନିର୍ଦ୍ଧାରଣ ହୋଇ ନିୟମ ଅନୁସାରେ ସ୍ୱର୍ଣ୍ଣ ଫେରସ୍ତ କରାଯିବ ବୋଲି ଶାଖା ପରିଚାଳକ ଅନୁରାଗ ପଟ୍ଟନାୟକ କହିଛନ୍ତି।

# ଭାଜପାରେ ସାମିଲ ହେଲେ ଅନ୍ୟ ଦଳର କର୍ମୀ



କାମାକ୍ଷାନଗର,୨୮।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡାହାଡ଼ ବ୍ଲକ ବିଭିନ୍ନ ପଞ୍ଚାୟତର ଅନ୍ୟ ଦଳର କର୍ମୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ସେମାନେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଭୂତିଙ୍କ ଉପସ୍ଥିତରେ ବହୁ କର୍ମୀ ଭାଜପାରେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀ ମହାନ୍ତ, କରଗୋଳା ପଞ୍ଚାୟତ ଡଙ୍ଗାପାଳ ଗାଁର ଗୀତାଞ୍ଜଳି ପାତ୍ର, ସୁଶାନ୍ତ ମହାନ୍ତ, କେରଜୁଳି ପଞ୍ଚାୟତ ଘୁଟୁରିଗାଁ ଗ୍ରାମର ରବିନାରାୟଣ ମହାନ୍ତ, ଶ୍ରୀକାନ୍ତ ମହାନ୍ତ, କଳଦା ଗାଁର ନନ୍ଦକିଶୋର ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ କଙ୍କଡାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ରାସବିହାରୀ ବେହେରା, କଙ୍କଡାହାଡ଼ ମଣ୍ଡଳ ସଭାପତି ନାଉରି ସିଂହ, ବିରାଶାଳ ସଭାପତି ସନାତନ ସାହୁ, ମହାବିରୋଡ଼ ମଣ୍ଡଳ ପୂର୍ବତନ ସଭାପତି ଜଗନ୍ନାଥ ଗଡ଼ନାୟକ, ବିରାଶାଳ ମଣ୍ଡଳ ଉପସଭାପତି ଯଯାତି ସାହୁ ଉପସ୍ଥିତ ଥିଲେ।

# ତ୍ୟାଗ, ମମତାର କାହାଣୀ ବଖାଣିଲା ‘ଜେଜେ’



ନାଟକ ‘ଜେଜେ’ର ଏକ ଦୃଶ୍ୟ।

## ନାଟ୍ୟ ଦିବସରେ ନାଟକ ମଞ୍ଚସ୍ଥ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ କଳାପରିଷଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଅବସରରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲଠାରେ ନାଟକ ‘ଜେଜେ’ ମଞ୍ଚସ୍ଥ ହୋଇଯାଇଛି। ପ୍ରାରମ୍ଭରେ ଆୟୋଜିତ ସଭା କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ବାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ଯୋଗଦେଇ ନାଟକ ସମାଜକୁ ବଦଳାଇବାର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। କଳାପରିଷଦ ସଭାପତି ନାଟ୍ୟକାର ଦିଲିଶ୍ୱର ମହାରଣା ଉତ୍ସବରେ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ମନ୍ମଥ ପଟ୍ଟନାୟକ ବିଶ୍ୱ ନାଟକ ଦିବସ ଉପଲକ୍ଷେ ବାର୍ତ୍ତା ପାଠ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ଇନ୍ଦ୍ରମଣି ବେହେରାଙ୍କ ପରଲୋକରେ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପରିଚାଳନା କରିଥିଲେ। ଏହାପରେ ନାଟ୍ୟକାର ଶତ୍ରୁଘ୍ନ ମାଟିଙ୍କ ରଚିତ ଓ ନିର୍ଦ୍ଦେଶନା ଏବଂ ଦିଲୀଶ୍ୱର ମହାରଣାଙ୍କ ନିର୍ଦ୍ଦେଶନାରେ ନାଟକ ‘ଜେଜେ’ ମଞ୍ଚସ୍ଥ ହୋଇଥିଲା। ସମାଜରେ ବରିଷ୍ଠମାନଙ୍କ ପ୍ରତି ଯେଉଁ ପାରିବାରିକ ହିଂସା ଓ ଘଟଣା ଘଟୁଛି, ଏହାର ନିରାକରଣ ଏବଂ ମା’ ବାପାମାନଙ୍କ ତ୍ୟାଗ ଓ ସନ୍ତାନମାନଙ୍କ ପ୍ରତି ମମତାକୁ ନେଇ ନାଟକ ‘ଜେଜେ’ ପରିବେଷଣ କରାଯାଇଥିଲା। ଏହି ନାଟକରେ ଶତ୍ରୁଘ୍ନ ମାଟି, ଅବନୀ ମିଶ୍ର, ସ୍ମିତା ନାଥ, ଅଶୋକ ଦାଶ, ବିନୋଦ ମହାନ୍ତି, ପ୍ରବୀର ମହାନ୍ତି, ଅମ୍ବିକା ପଟ୍ଟନାୟକ, ମନୋରଞ୍ଜନ ସିଂହ, ଯାଜ୍ଞଶ୍ରୀ ସାହୁ, ରାଜଶ୍ରୀ ବେହେରା, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଅଭିନୟ କରିଥିଲେ। ପ୍ରଭାତ ମହାନ୍ତି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

# ଆପ୍ ପକ୍ଷରୁ ଏକଦିବସୀୟ ସାମୂହିକ ଉପବାସ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ସହର ଗାନ୍ଧୀପାର୍କ ଠାରେ ଆମ୍ ଆଦମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ମିଥ୍ୟା ଗିରଫଦାରି ପ୍ରତିବାଦ ଓ ଦେଶରେ ସମ୍ବିଧାନ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ପାର୍ଟିର ସଦର ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତାମାନେ ଗୁରୁବାର ସାମୂହିକ ଉପବାସ କହିଥିଲେ। ପୂର୍ବାହ୍ନ ୧୦ଟାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ଉପବାସ ଆରମ୍ଭ ହୋଇଥିଲା।

ଏହି ଅବସରରେ ଆପ୍ ନେତାମାନେ କହିଥିଲେ, ଦିଲ୍ଲୀର ମିଥ୍ୟା ମଦ ଦୁର୍ନୀତି ଅଭିଯୋଗ କରି ଭାଜପା ସରକାର କେଜ୍‌ରିୱାଲଙ୍କୁ ଗିରଫ କରିଛି। ଇଡି ଅନୁସାରେ ମଦ ବ୍ୟବସାୟୀ ଶରଥ ରେଡ୍ଡିଙ୍କ କହିବା ଅନୁଯାୟୀ କେଜ୍‌ରିୱାଲ ପ୍ରାୟ ୧୦୦ କୋଟି ଟଙ୍କାର ଲାଞ୍ଚ ନେଇଥିବାରୁ ଏହି ଗିରଫଦାରି ହୋଇଛି। ହେଲେ ବ୍ୟବସାୟୀ ଶରଥ ରେଡ୍ଡି ୫ଟି ମଦ ଦୋକାନ ଠିକା ପାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ କିମ୍ବା ସେ କୌଣସି ମଦ ଦୋକାନ ଖୋଲିନାହାନ୍ତି। ଶରଥ ଗିରଫ ହେବାପରେ ସ୍ୱଷ୍ଟ ଭାବରେ କହିଥିଲେ, ସେ


ଏଏପି ପକ୍ଷରୁ ଏକଦିବସୀୟ ସାମୂହିକ ଉପବାସ କରାଯାଉଛି।

କେଜ୍‌ରିୱାଲଙ୍କୁ ସାକ୍ଷାତ କରିନାହାନ୍ତି। ମଦ ଦୁର୍ନୀତି ହୋଇନାହିଁ ଏବଂ କୌଣସି ଲାଞ୍ଚ ଦେଇନାହାନ୍ତି। ଏହାସତ୍ତ୍ୱେ ମଧ୍ୟ ଇଡି କିପରି ଶରଥଙ୍କୁ ଅଭିଯୁକ୍ତ କଲେ ତାହା ଏଏପିର ନେତୃବୃନ୍ଦମାନେ ପ୍ରଶ୍ନ ଉଠାଇଥିଲେ । ଭାଜପା ନଭେମ୍ବର ୨୦୨୨ରୁ ନଭେମ୍ବର ୨୦୨୩ ମଧ୍ୟରେ ପ୍ରାୟ ୬୦କୋଟି ଟଙ୍କାର ନିର୍ବାଚନୀ ଚାନ୍ଦା ନେଇ ଦୁର୍ନୀତି କରିଥିବା ପ୍ରମାଣ ମିଳିଛି । ଶରଥ ରେଡ୍ଡିଙ୍କ ଜାମିନକୁ ଇଡି ବିରୋଧ ନ କରିବା ଏବଂ ତାଙ୍କୁ ରାଜସାକ୍ଷୀ କରି ଦୋଷମୁକ୍ତ କରିବା ଏକ ବଡ ଧରଣର ଷଡ଼ଯନ୍ତ୍ର କରାଯାଇଛି। ୬୦କୋଟି ଟଙ୍କା ଚାନ୍ଦା ନେଇଥିବା ପ୍ରମାଣ ସତ୍ତ୍ୱେ ଭାଜପା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଢେଙ୍କାନାଳ ବାସୀଙ୍କୁ ସଚେତନ କରାଇବା, ଅନ୍ୟାୟ ବିରୋଧର ସ୍ୱର ଉତ୍ତୋଳନ କରିବା ଏବଂ ଅରବିନ୍ଦ କେଜ୍‌ରିୱାଲଙ୍କୁ ମୁକ୍ତ କରିବା ପାଇଁ ଏଏପି ଆହ୍ୱାନ କରୁଛି ବୋଲି କାର୍ଯ୍ୟକ୍ରମରେ ଆହାକତ୍ୱ କରିଥିବା ଦଳର ଆବାହକ ପଙ୍କଜ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ଜିତେନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ପୀତାମ୍ବର ସାମନ୍ତରାୟ, ସନ୍ତୋଷ ଖୁଣ୍ଟିଆ, ନିରାକାର ସାହୁ, ବିଦ୍ୟାଧର ନାୟକ, ଚିନ୍ମୟ ସେନାପତି, ଗୋବିନ୍ଦ ସାହୁ ଓ ପ୍ରଶାନ୍ତ ବରାଳଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ବିଧାନସଭା ନିର୍ବାଚନକୁ ଫେରିପାରନ୍ତି ମହେଶ

ଅନୁଗୋଳ,୨୮।୩ (ଅମିତ କୁମାର ସାମଲ)



ଢେଙ୍କାନାଳ ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ଡା. ଅବିନାଶ ସାମଲଙ୍କ ନାମ ଘୋଷଣା କରିବା ପରେ ଅନୁଗୋଳ ଜିଲାର ପୁରୁଖା ରାଜନେତା ତଥା ଏମ୍‌ପି ମହେଶ ସାହୁଙ୍କ ଭବିଷ୍ୟତକୁ ନେଇ ଏବେ ଆଲୋଚନା ଜୋର୍ ଧରିଛି। ଢେଙ୍କାନାଳରୁ ପୁନଃ ଏମ୍‌ପି ପ୍ରାର୍ଥୀ ହେବାକୁ ମହେଶ ପୂର୍ବରୁ ଆଶାୟୀ ଥିବା କୁହାଯାଉଥିଲା। ହେଲେ ଦଳ ଏଠାରେ ପ୍ରାର୍ଥୀ ବଦଳାଇଥିବାରୁ ମହେଶଙ୍କ ନିକଟରେ କି କି ବିକଳ୍ପ ରହିଛି ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ସେ ଏହି ସଂସଦୀୟ କ୍ଷେତ୍ରର ଏକ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି।

ଅନୁଗୋଳ ଜିଲା ରାଜନୀତିରେ ମହେଶ ଜଣେ ପୁରୁଖା ନେତା। ୧୯୯୫ ସାଧାରଣ ନିର୍ବାଚନରେ ସେ ଭାଜପା ପକ୍ଷରୁ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଏହାପରେ ଲଗାତର ୨୦୦୦, ୨୦୦୪ରେ ସେ ଭାଜପା ପ୍ରାର୍ଥୀ ଭାବେ ତାଳଚେରରୁ ଜିତିଥିଲେ। ହେଲେ ୨୦୦୯ରେ ସେ ତାଳଚେରରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ହେଁ ପରାଜୟ ବରଣ କରିଥିଲେ। ୨୦୧୪ରେ ସେ ପାଲଲହଡ଼ା ନିର୍ବାଚନମଣ୍ଡଳୀରୁ ବିଜେଡି ଟିକେଟ୍‌ରେ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବିଜେଡି ତାଙ୍କୁ ଢେଙ୍କାନାଳ ଲୋକ ସଭା କ୍ଷେତ୍ରରେ ପ୍ରାର୍ଥୀ କରିଥିଲା ଓ ସେ ବିପୁଳ ଭୋଟରେ ବିଜୟୀ ମଧ୍ୟ ହୋଇଥିଲେ। ତେଣୁ ଅନୁଗୋଳର ଏହି ବରିଷ୍ଠ ରାଜନେତା ୨୦୨୪ ସାଧାରଣ ନିର୍ବାଚନରେ ପୁଣି ଏମ୍‌ପି ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ ଆଶାବ୍ୟକ୍ତ କରିଥିଲେ। ହେଲେ ବିଜେଡି ଏଠାରେ ନୂଆ ପ୍ରାର୍ଥୀ ଦେବା ପରେ ମହେଶଙ୍କୁ ଦଳ ବିଧାନସଭା ନିର୍ବାଚନକୁ ଓହ୍ଲାଇବାକୁ ଯୋଜନା କରିଥିବା ସମର୍ଥକମାନେ ଆଲୋଚନା କରୁଛନ୍ତି। ମହେଶ ମଧ୍ୟ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ସେ ତାଳଚେର ନିର୍ବାଚନମଣ୍ଡଳୀରୁ ମଧ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କୁ ଦଳ ଅନୁଗୋଳରୁ ଯଦି ପ୍ରାର୍ଥୀ କରେ ତା'ହେଲେ ମହେଶଙ୍କୁ ତାଳଚେର ଆସନ ଛାଡ଼ିବ ବୋଲି ରାଜନୈତିକ ବିଶାରଦମାନେ ଆଶଙ୍କା କରୁଛନ୍ତି। ତାଳଚେର ମହେଶଙ୍କ ରାଜନୈତିକ ଅନ୍ତୁଡ଼ିଶାଳ ହୋଇଥିବାରୁ ଏଠାରେ ତାଙ୍କର ପୁରୁଣା ସଙ୍ଗଠନ ସହ ଲୋକ ସମ୍ପର୍କ ସୁଦୃଢ଼ ରହିଛି। ତେଣୁ ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା ତାଳଚେରରୁ ମହେଶଙ୍କୁ ବିଧାନସଭା ନିର୍ବାଚନକୁ ଓହ୍ଲାଇବାକୁ ବିଜେଡି ଉଚିତ ମଣିପାରେ ବୋଲି ସମର୍ଥକମାନେ କୁହାକୁହି ହେଉଛନ୍ତି।

# ଦୁର୍ଘଟଣା ଗୁରୁତରଙ୍କ ମୃତ୍ୟୁ

ଅନୁଗୋଳ,୨୮।୩ (ଅମିତ କୁମାର ସାମଲ)

ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବାଲିମି ଥାନା ରଞ୍ଜାଗୋଳ ଗ୍ରାମର ବିନୟ ନାଏକ (୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ସାତମାଇଲ ଛକରୁ ଖଜୁରିଆକଟା ଆଡ଼କୁ ଏକ ବାଇକ୍‌ରେ ଦୁଇ ଜଣ ଆସୁଥିବା ବେଳେ କାଜୁ ଫିଲ୍ଡ ପାଖରେ ଏକ ଅଜଣା ଗାଡ଼ି ଉଭୟଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଖବରପାଇ ବାଲିମି ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ଉଭୟଙ୍କୁ ହିନ୍ଦୋଳ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ବିନୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବିନୟଙ୍କ ମୃତ୍ୟୁ ହୋଇଯାଇଛି। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଭାଜପା ଆଶାୟୀ ପ୍ରାର୍ଥୀଙ୍କ ନିଦ ଗାଏବ

ଅନୁଗୋଳ, ୨୮।୩
(ଅମିତ କୁମାର ସାମଲ)

- ଏଯାଏ ଘୋଷଣା ହେଉନି ବିଧାନସଭା ପ୍ରାର୍ଥୀ ତାଲିକା
- ଅନୁଗୋଳ ଜିଲାରେ ନେତାଙ୍କୁ ନେଇ କର୍ମୀ ଦ୍ୱନ୍ଦ୍ୱରେ

ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ପ୍ରଥମେ ଶୁଣାଗଲା। ଏହାକୁ ନେଇ ଉଭୟ ଦଳ ପକ୍ଷରୁ ଘନ ଘନ ବୈଠକ ହେଲା। କିନ୍ତୁ ପରେ ଭାଜପା ଓ ବିଜେଡି ଏକାକୀ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କଲେ। ଏପରି କି ଭାଜପା ପକ୍ଷରୁ ଲୋକ ସଭା ନିର୍ବାଚନ ପାଇଁ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରାଗଲା। ହେଲେ ଏହାପରଠାରୁ ଦଳ ଆଉ ପ୍ରାର୍ଥୀ ତାଲିକାକୁ ନେଇ ଆଗେଇପାରି ନାହିଁ କି ବାକି ଲୋକ ସଭା ଆସନ ଏବଂ ଗୋଟିଏ ହେଲେ ବି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ଏଣେ ବିଜେଡି ୧୫ ଲୋକ ସଭା ଆସନ ସହ ଏକାବେଳେ ୭୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଲାଣି। ବିଜେଡିର ଏହି ପଦକ୍ଷେପ ପରେ ଅନୁଗୋଳ ଜିଲାରେ ବିଜେଡି ପ୍ରାର୍ଥୀମାନେ ଏବେ ଲୋକଙ୍କ ନିକଟକୁ ଯିବା ଆରମ୍ଭ କଲେଣି। ହେଲେ ବିଧାନସଭା ପ୍ରାର୍ଥୀ ଘୋଷଣା କ୍ଷେତ୍ରରେ ଭାଜପା ପଛରେ ପଡ଼ିଥିବାରୁ ଅନୁଗୋଳ ଜିଲାର ଭାଜପା ଆଶାୟୀମାନଙ୍କ ନିଦ ହଜିଯାଇଛି। ଜିଲାର କେଉଁ ଆସନରୁ ଦଳ କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ମଧ୍ୟ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

୨୦୧୯ ସାଧାରଣ ନିର୍ବାଚନରେ ଅନୁଗୋଳ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନେ ବିଜେଡିକୁ କଡ଼ା ଟକ୍କର ଦେଇଥିଲେ। କିନ୍ତୁ ନିର୍ବାଚନୀ ଯୁଦ୍ଧରେ ଭାଜପାର ୫ ପ୍ରାର୍ଥୀ ପରାଜିତ ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ଭାଜପା ସମ୍ବଲପୁର ଲୋକ ସଭା ଆସନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ଘୋଷଣା କରିବା ପରେ ଅନୁଗୋଳ ଜିଲା ଭାଜପା ଶିବିରରେ ଉତ୍ସାହ ଖେଳିଯାଇଛି। କାରଣ ସମ୍ବଲପୁର ଲୋକ ସଭା କ୍ଷେତ୍ର ମଧ୍ୟରେ ଅନୁଗୋଳ ଜିଲାର ଛେଣ୍ଡିପଦା ଓ ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀ ଆସୁଛି। ତେଣୁ ଏହି ୨ ବିଧାନସଭା କ୍ଷେତ୍ରରୁ ଭାଜପା ଟିକେଟ୍ ଆଶାୟୀ ନେତାମାନେ ଦଳୀୟ ପ୍ରାର୍ଥୀ ଘୋଷଣାକୁ ଆତୁର ହୋଇ ଚାହିଁ ରହିଛନ୍ତି। ଦଳ ଏଠାରେ ପୁରୁଣା ମୁହଁଙ୍କୁ ଆଉଥରେ ଭରସା କରିବ ନା ଅମଳ ନେତାଙ୍କୁ ଆଣି ଛିଡ଼ା କରିବ, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଥିବାରୁ ଏହି ନେତାମାନେ ଚିନ୍ତାରେ ପଡ଼ିଥିବା କୁହାଯାଉଛି। ଅନୁଗୋଳ ବିଧାନସଭା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି। ଫଳରେ ଦଳର ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଚୁପ୍ ହୋଇ ଦଳର ତାଲିକାକୁ ଅପେକ୍ଷା କରିଥିବା ସମର୍ଥକମାନେ କୁହାକୁହି ହେଉଛନ୍ତି। ସେହିପରି ତାଳଚେର, ପାଲଲହଡ଼ାରେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ଏଯାଏ ସ୍ଥିର କରିପାରି ନ ଥିବା କୁହାଯାଉଛି। ହେଲେ ଆଠମଲ୍ଲିକରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁଙ୍କ ସପକ୍ଷରେ ଅଧିକ ଆଲୋଚନା ହେଉଥିବାରୁ ସେ ସାମାନ୍ୟ ଆଶ୍ୱସ୍ତ ଥିବା ଚର୍ଚ୍ଚା ହେଉଛି।

# ଆପ୍‌ର ଏକ ଦିବସୀୟ ଉପବାସ

ଖମାର,୨୮।୩ (ରଜନୀକାନ୍ତ ମହାରଣା)

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଅଧ୍ୟକ୍ଷ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଇଡି ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି। ଏହାକୁ ଦୃଢ଼ ନିନ୍ଦା କରିବା ସହ ପ୍ରତିବାଦ କରିଛି ପାଲଲହଡା ନିର୍ବାଚନମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି (ଆପ)। ସଭାପତି ଯୁଗଳ କିଶୋର ଜିତଙ୍କ ଅଧ୍ୟକ୍ଷତାରେରେ ଖମାରଠାରେ ଏକ ଦିବସୀୟ ସାମୂହିକ ଉପବାସ ପାଳନ କରାଯାଇଥିଲା। ଏଥିରେ ପାଲଲହଡା ନିର୍ବାଚନ ମଣ୍ଡଳୀ ସମ୍ପାଦକ ଖଗେଶ୍ୱର ପିଙ୍ଗୁଆଙ୍କ ସମେତ ବିଷ୍ଣୁସେନ ସେଠୀ, ରାଜକିଶୋର ବେହେରା, ବିଜୁ ବେହେରା, ପ୍ରତାପ କୁମାର ବିଶ୍ୱାଳ, ନରେନ୍ଦ୍ର କୁମାର ଦାସ, ଟିହିଁକୁ ମହାପାତ୍ର, ନିରଞ୍ଜନ ସେଠୀ, ଜଗନ୍ନାଥ ସାହୁ, ଶଙ୍କର ସାହୁ, କୁନୁ ମହାକୁଳ, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ବିରୋଧରେ ଦୃଢ଼ ପ୍ରତିବାଦ କରିବା ସହିତ ଭାଜପା ଓ ମୋଦି ସରକାର ବିରୋଧରେ ନାରା ଦେଇଥିଲେ।



# ଜରୁରିକାଳୀନ ସେବା କର୍ମଚାରୀଙ୍କ ନିମନ୍ତେ ପୋଷ୍ଟାଲ ବାଲଟ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୨୮।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜରୁରିକାଳୀନ ସେବା କର୍ମଚାରୀଙ୍କ ନିମନ୍ତେ ପୋଷ୍ଟାଲ ବାଲଟ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନରେ ମୁଖ୍ୟତଃ ଭୋଟ ଦାନ ଦିବସରେ ନିୟୋଜିତ ହୋଇଥିବା ଜରୁରିକାଳୀନ ସେବା କର୍ମଚାରୀ ଯଥା ପୋଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ସେବା, ଓଡ଼ିଶା ରାଜ୍ୟ ପରିବହନ ନିଗମ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ପୋଷ୍ଟାଲ ବାଲଟ ବ୍ୟବସ୍ଥା କରାଯିବା ପାଇଁ ଆଲୋଚନା ହୋଇଥିଲା। ଇଚ୍ଛୁକ ଜରୁରିକାଳୀନ ସେବା କର୍ମଚାରୀ ନିଜ ନିର୍ବାଚନମଣ୍ଡଳୀରେ ପୂର୍ବ ନିର୍ଦ୍ଧାରିତ ତାରିଖ, ସ୍ଥାନ ଓ ସମୟରେ ବାଲଟ ଯୋଗେ ଭୋଟ ଦେଇପାରିବେ। ଏହି ସୁଯୋଗର ଉପଯୋଗ କରିବା ନିମନ୍ତେ ଫର୍ମ ୧୨(ଘ) ଦ୍ୱାରା ନିଜ ବିଭାଗର ନୋଡାଲ ଅଧିକାରୀଙ୍କ ଜରିଆରେ ଆବେଦନ କରିପାରିବେ। ପୋଷ୍ଟାଲ ବାଲଟ ପାଇଁ ଆବେଦନ କରିଥିବା କର୍ମଚାରୀ ଇଭିଏମ ଜରିଆରେ ଭୋଟ ଦେଇପାରିବେ ନାହିଁ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱ ବିହାରି ମହାନ୍ତି, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଡେପୁଟି କେଲେକ୍ଟର(ନିର୍ବାଚନ) ମମତା ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଜିଲା ସହକାରୀ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଡିଏସ୍‌ପି (ଡିଆଇବି) ପ୍ରଭାତ କୁମାର ସେଠୀ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଷ୍କଳ କୁମାର ପଟ୍ଟନାୟକ, ଟିପିସିଓ ଡିଏଲର ସହକାରୀ ପରିଚାଳକ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଆଠମଲ୍ଲିକ,୨୮।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଜଗନ୍ନାଥ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ଦ୍ୱାରା ଏକ ବିଶାଳ କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ପଣ୍ଡିତ ଚିତ୍ତରଞ୍ଜନ ପାଣିଗ୍ରାହୀ ରାଧାକୃଷ୍ଣ ଓ ଶ୍ରୀ ଚୈତନ୍ୟଙ୍କ ପୂଜା କରିଥିଲେ। ଏହାପରେ ମହାମନ୍ତ୍ର ଦ୍ୱାରା ଅଷ୍ଟପ୍ରହରୀ ନାମଯଜ୍ଞର ଶୁଭାରମ୍ଭ କରାଯାଇଥିଲା। ସନ୍ତୋଷ ତ୍ରିପାଠୀ ଓ ଶ୍ରଦ୍ଧାଞ୍ଜଳି ତ୍ରିପାଠୀ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ଅଷ୍ଟପ୍ରହର ନାମଯଜ୍ଞ କମିଟି ସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ବିନୟ କୁମାର ତ୍ରିପାଠୀ, ସହ ସମ୍ପାଦକ ଅଭିଷେକ ତ୍ରିପାଠୀଙ୍କ ସମେତ ବରିଷ୍ଠ ସଭ୍ୟ ରାଧାମୋହନ ତ୍ରିପାଠୀ, ମଦନ ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ସ୍ୱଦେଶ ରଥ, ପ୍ରଫୁଲ୍ଲ କୁମାର ଦାସ, ଦୁଷ୍ମନ୍ତ ମହାପାତ୍ର, ରମେଶ ମହାଲିକ, ପବିତ୍ର ଭୋଇ, ସଚ୍ଚିଦାନନ୍ଦ ମାହାର, ପଙ୍କଜ ବିଶି ଓ ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ୧୭ ସଂକୀର୍ତ୍ତନ ଦଳ ହରିନାମ ପରିବେଷଣ କରିଥିଲେ।



# କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ଆଠମଲ୍ଲିକ,୨୮।୩ (ଉଦୀପ୍ତ ପୁରୋହିତ)

ମିଥ୍ୟା ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଇଡି ପକ୍ଷରୁ ଗିରଫ କରାଯିବା ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତା ଓ ସମର୍ଥକମାନେ ଗୁରୁବାର ଆଠମଲ୍ଲିକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଗାନ୍ଧୀ ପାର୍କସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଆଠମଲ୍ଲିକ ଆମ ଆଦ୍‌ମୀ ପାର୍ଟିର ନେତା ପ୍ରସାଦୀ ବେହେରା, ରୁପେଶ ସାମଲ, ଦୀନବନ୍ଧୁ ସାହୁଙ୍କ ନେତୃତ୍ୱରେ ବହୁ ଦଳୀୟ ସମର୍ଥକ ଖେଳ ପଡ଼ିଆ ନିକଟରେ ଏକତ୍ରିତ ହୋଇ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ଶୋଭାଯାତ୍ରାରେ ଆସିଥିଲେ। କେନ୍ଦ୍ର ସରକାର ନିର୍ବାଚନକୁ ଆଖି ଆଗରେ ରଖି ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମିଛ କେସରେ ଫସାଇ ଜେଲ ହାଜତକୁ ପଠାଇ ଦେଇଥିବାରୁ ଗଣତନ୍ତ୍ର ଆଜି ବିପନ୍ନ ଅବସ୍ଥାରେ ଅଛି। ଭାରତୀୟ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଆମ ଆଦ୍‌ମୀ ପାର୍ଟି ତରଫରୁ ଉପବାସ କରାଯାଇ ପ୍ରତିବାଦ କରାଯାଉଥିବା ଆପ୍ ନେତାମାନେ ପ୍ରକାଶ କରିଥିଲେ।

## ମାର୍‌ପିଟ୍ ଅଭିଯୋଗରେ ଜଣେ ଗିରଫ

ଛେଣ୍ଡିପଦା,୨୮।୩(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଗୋଳାବନ୍ଧ ଗ୍ରାମରେ ଘର ଭିତରେ ପଶି ମାର୍‌ପିଟ୍ କରିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ତ୍ରିନାଥ ନାଏକଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ଗୋଳାବନ୍ଧ ଗ୍ରାମର ସାରଥି ନାଏକ ଓ ତାଙ୍କ ସ୍ତ୍ରୀ ପଦ୍ମାବତୀ ନାଏକ ଗୁରୁବାର ଅପରାହ୍ନରେ ଘରେ ଥିବାବେଳେ ସେହି ଗ୍ରାମର ତ୍ରିନାଥ ନାଏକ ଓ ତାଙ୍କ ଝିଅ ସବିତା ନାଏକ ସାରଥିଙ୍କ ଘରେ ପଶି ସାରଥିଙ୍କୁ ମାରପିଟ୍ କରିଥିଲେ। ଏ ନେଇ ପଦ୍ମାବତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୧୦/୨୪ରେ ମାମଲା ରୁଜୁ କରି ତ୍ରିନାଥଙ୍କୁ ଗିରଫ କରିଛି। ଅପରପକ୍ଷେ ତ୍ରିନାଥଙ୍କ ଝିଅ ସବିତା ଏକ ପାଲଟା ଅଭିଯୋଗ କରିଛନ୍ତି। ସାରଥି ମଦ ପିଇ ଅସଦାଚରଣ ସହ ଗାଳି ଗୁଲଜ କରିଥିବା ନେଇ ସବିତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ. ୧୦୯/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କଳମଛୁଇଁରେ ଦୋଳଯାତ୍ରା



ତାଳଚେର,୨୮।୩ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଦୋଳଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ଅପରାହ୍ନ ୩ଟାରେ ପୂଜକ ନିରଞ୍ଜନ ଦାସ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ଏକ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ସମଗ୍ର କଳମଛୁଇଁ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଛେଣ୍ଡିପଦାର ଘଣ୍ଟବାଦ୍ୟ, ମର୍ଦ୍ଦିକା ଓ ପିଢ଼ସାହିର ଓଡ଼ିଶୀ, କଳମଛୁଇଁ ବାଉଁଶଗାଡ଼ିଆ ସାହିର ନଦିଆଁ ସଂକୀର୍ତ୍ତନ ସାମିଲ ହୋଇ ନାମ ପରିବେଷଣ କରିଥିଲେ। ଉତ୍ସବକୁ ଉପଭୋଗ କରିବାକୁ ଆଖପାଖ ଅଞ୍ଚଳର ବହୁ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମେଳଣ ପଡିଆରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ମେଲୋଡି ଓ ବାଦଦଣ୍ଡ ପରିବେଷଣ କରାଯାଇଥିଲା। ଗ୍ରାମ ସଭାପତି ତୀର୍ଥବାସୀ ପ୍ରଧାନ ଓ ସମ୍ପାଦକ ଯୁଗଳ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଦୋଳଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା।

# 'ସନ୍ଥପଡ଼ା ବଂଶାବଳୀ' ଲୋକାର୍ପିତ

ତାଳଚେର,୨୮।୩ (ମନୋଜ ନନ୍ଦ)

ତାଳଚେର ବ୍ଲକ ସନ୍ଥପଡ଼ା ଗ୍ରାମର ପ୍ରାଚୀନ ଇତିହାସ, ପରମ୍ପରା, ଲୋକ ସଂସ୍କୃତି ଓ ସମଗ୍ର ଜନସଂଖ୍ୟାର ତାତ୍ତ୍ୱିକ ବିଶ୍ଳେଷଣକୁ ନେଇ ରଚିତ ପୁସ୍ତକ 'ସନ୍ଥପଡା ବଂଶାବଳୀ' ଲୋକାର୍ପଣ ହୋଇଯାଇଛି। ପବିତ୍ର ଦୋଳ ଉତ୍ସବ ପାଳନ ଅବସରରେ ସନ୍ଥପଡ଼ା ଗ୍ରାମସ୍ଥିତ ହରିହର ମନ୍ଦିର ପରିସରରେ ଏହି ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗବେଷକ ବିଭୂତି ଭୂଷଣ ସାହୁ ଓ ମୁଖ୍ୟବକ୍ତା ଭାବରେ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ କରକମଳରେ ଡ.ପ୍ରଶାନ୍ତ କୁମାର ରଥ, ସୂର୍ଯ୍ୟକାନ୍ତ ସାମଲ ଓ ବୀରବିକ୍ରମ ସିଂ ସାମଲଙ୍କ ସଂକଳିତ 'ସନ୍ଥପଡ଼ା ବଂଶାବଳୀ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ପୁସ୍ତକର ରଚୟିତା ଡ.ପ୍ରଶାନ୍ତ କୁମାର ରଥ ଏଭଳି ଏକ ପୁସ୍ତକ ରଚନା କରିବାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅତିଥିମାନେ ଏହାର ରଚୟିତାମାନଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସନ୍ଥପଡ଼ା ଗ୍ରାମର ବହୁ ଜନସାଧାରଣ ଯୋଗ ଦେଇଥିଲେ। ଅଧ୍ୟାପିକା ମଧୁସ୍ମିତା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିନୋଦ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ନିରୋଜ ସାମଲ, ଜଗବନ୍ଧୁ ସାମଲ, ଅଭିମନ୍ୟୁ ସାମଲ, ମିହିର କୁମାର ରଥ, ଅଧ୍ୟାପକ ପ୍ରବୋଧ କୁମାର ରଥ, ପ୍ରଭାକର ସାମଲ, ଗୋପୀନାଥ ସାମଲ, ବିନୋଦ ସାମଲ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ସନ୍ଥପଡ଼ା ବଂଶାବଳୀକୁ ଲୋକାର୍ପଣ କରୁଛନ୍ତି।

# ସ୍ୱେଚ୍ଛାସେବୀ ଅନୁଷ୍ଠାନର ଲୋଗୋ ଉନ୍ମୋଚିତ

ବଣ୍ଟାଁରପାଳ/ଅନୁଗୋଳ,୨୮।୩ (ଅମିତ କୁମାର ସାମଲ)

ବଣ୍ଟାଁରପାଳ ବ୍ଲକ କାଣ୍ଡସର ପଞ୍ଚାୟତର ବାବା କପିଳେଶ୍ୱର ଶିବ ମନ୍ଦିରଠାରେ ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରଥମ ବାର୍ଷିକ ବନ୍ଧୁ ମିଳନ ଓ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅନନ୍ତ ବାରିକ ଓ ସାଧାରଣ ସମ୍ପାଦକ ସୁଧାକର ସାହୁଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବଂଶୀଧର ପ୍ରଧାନ ଓ ପୂର୍ବତନ ଡିଏସ୍‌ପି ଉଦୟନାଥ ସାହୁ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନନ୍ତ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀକାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲା ଓ ଜିଲା ବାହାରୁ କେତୋଟି ସେବା ଅନୁଷ୍ଠାନ କର୍ମକର୍ତ୍ତା ଯୋଗ ଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଚିନ୍ମୟୀ ଦାସ, ଅଜୟ ତ୍ରିପାଠୀ, ବିଦ୍ୟାଧର ନାୟକ, ଶରତ ଚନ୍ଦ୍ର ସାହୁ, ଉତ୍କର୍ଷ ପରିବାର, ଉତ୍ସର୍ଗ କଲ୍ୟାଣ ସେବା, ରକ୍ତ ପରିବାର, ଜାତୀୟ ମାନବିକ ଅଧିକାର ଅନୁଗୋଳ ସଭାପତି ପଦ୍ମାକ୍ଷୀ ସିଂହ, ଜାତୀୟ ଓମେନ୍ସିଆଲ ସଭାପତି ଡ. ସୌଦାମିନୀ ଚୌଧୁରୀ, ଡ. ସୁଚିସ୍ମିତା ସାମଲ, ସାମାଜିକ କର୍ମୀ ପର୍ଶୁରାମ ଦାଶ, ବ୍ରାହ୍ମଣ ମହାସଂଘ ରାଜ୍ୟ ସଭାପତି ବ୍ୟୋମକେଶ ଶତପଥୀ, ବାଜି ରାଉତ ଛାତ୍ରାବାସ ସାଧାରଣ ସମ୍ପାଦକ ଧନେଶ୍ୱର ସାହୁ, ଓଡ଼ିଶା ଅଭିଭାବକ ମହାସଂଘ ସମ୍ପାଦକ ରଣଜିତ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ସାମାଜିକ କର୍ମୀମାନଙ୍କ ଦ୍ୱାରା ଲୋଗୋ ଉନ୍ମୋଚନ କରାଯାଇ ଅନୁଷ୍ଠାନର ସଦସ୍ୟମାନଙ୍କୁ ଟି- ସାର୍ଟ ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ଚିନ୍ମୟୀ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୧୨୦ ଜଣ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ପତିତପାବନ ବାଡିଆ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଅନ୍ୟମାନେ।

